# NATIONAL NEWS BULLETIN (ODIA)

**18 April - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସଂସଦର ବଜେଟ୍ ଅଧିବେଶନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ

- ପଶ୍ଚିମବଙ୍ଗ ଏବଂ ତାମିଲନାଡୁରେ ନିର୍ବାଚନ ପ୍ରଚାର ସରଗରମ

–କୋଏମ୍ବାଟୁର୍‌ରେ ଜନସମାବେଶକୁ ଆଜି ସମ୍ବୋଧନ କରିବେ ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

- ନୂଆଦିଲ୍ଲୀରୁ ସାଉଦି ଆରବର ମକ୍କାକୁ ଗସ୍ତ କଲେ ଚଳିତ ବର୍ଷର ପ୍ରଥମ ପର୍ଯ୍ୟାୟ ହଜ୍ ତୀର୍ଥଯାତ୍ରୀ

- ଐତିହ୍ୟ ସ୍ଥଳିଗୁଡ଼ିକର ସୁରକ୍ଷା ଓ ସଂରକ୍ଷଣ କ୍ଷେତ୍ରରେ ସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ପାଳନ କରାଯାଉଛି ବିଶ୍ୱ ଐତିହ୍ୟ ଦିବସ

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ଖେଳାଯିବ ୨ଟି ମ୍ୟାଚ୍

---

## ବଜେଟ୍ ସେସନ୍–ସାଇନ୍‌ଡାଏ

ସଂସଦର ଉଭୟ ସଦନକୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି । ଏଥିସହ ବଜେଟ୍ ଅଧିବେଶନ ଶେଷ ହୋଇଛି । ଗତ ଜାନୁଆରୀ ମାସ ୨୮ ତାରିଖରେ ସଂସଦର ବଜେଟ୍ ଅଧିବେଶନ

ଆରମ୍ଭ ହୋଇଥିଲା । ଲୋକସଭାରେ ବିଦାୟୀ ଅଭିଭାଷଣରେ ବାଚସ୍ପତି ଓମ୍ ବିର୍ଲା କହିଛନ୍ତି ବଜେଟ୍ ଅଧିବେଶନ କାଳରେ ଗୃହରେ ୯୩ ପ୍ରତିଶତ କାର୍ଯ୍ୟ ହୋଇଛି । ମୋଟ୍ ୩୧ଟି ବୈଠକ ଅନୁଷ୍ଠିତ ହେବା ସହିତ ୧୨ଟି ସରକାରୀ ବିଲ୍ ଆଗତ ହୋଇଥିଲା । ସେଥିମଧ୍ୟରୁ ୯ଟି ଆଲୋଚନା ହୋଇ ପାରିତ ହୋଇଛି ।

**V/O**

ରାଜ୍ୟସଭାରେ ବିଦାୟୀ ଅଭିଭାଷଣରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ କହିଛନ୍ତି, ସାମଗ୍ରିକ ଭାବରେ ଗୃହରେ ମୋଟ୍ ୧୫୭ ଘଣ୍ଟାରୁ ଅଧିକ ସମୟ ଧରି କାର୍ଯ୍ୟ କରାଯାଇଛି । ଏ କ୍ଷେତ୍ରରେ ୧୧୦ ପ୍ରତିଶତ ସଫଳତା ହାସଲ ହୋଇଛି ।  ଶ୍ରୀ ରାଧାକ୍ରିଷ୍ଣନ କହିଛନ୍ତି ଅଧିବେଶନ କାଳରେ ପଶ୍ଚିମ ଏସିଆ ସଂଘର୍ଷ ପରିସ୍ଥିତି ଏବଂ ଭାରତର ଶକ୍ତି ଆବଶ୍ୟକତା ପୂରଣ ପାଇଁ ସରକାର ଗ୍ରହଣ କରୁଥିବା ପଦକ୍ଷେପ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୃହରେ  ବକ୍ତବ୍ୟ ରଖିଥିଲେ ।

ଦେଶର ବିକଶିତ ପରିସ୍ଥିତିକୁ ଏକ ଉପଯୁକ୍ତ ଦୃଷ୍ଟିକୋଣରୁ ଉପସ୍ଥାପନ କରିବା ସହିତ ଶ୍ରୀ ମୋଦୀ ସାଂପ୍ରତିକ ପରିସ୍ଥିତିରେ ସୃଷ୍ଟ ଆହ୍ୱାନଗୁଡ଼ିକର ସମାଧାନ ପାଇଁ ସାମୂହିକ ସଂକଳ୍ପ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ ବୋଲି ଶ୍ରୀ ରାଧାକ୍ରିଷ୍ଣନ କହିଛନ୍ତି । ଅଧିବେଶନ କାଳରେ ଭାରତ-ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ସଂପର୍କରେ ଶିଳ୍ପମନ୍ତ୍ରୀ ପିୟୁଷ ଗୋୟଲ ଓ ପଶ୍ଚିମ ଏସିଆ ପରିସ୍ଥିତି ନେଇ ବୈଦେଶିକ ମନ୍ତ୍ରୀ ଡକ୍ଟର ଜୟଶଙ୍କର ସ୍ୱତଃପ୍ରବୃତ୍ତ ଭାବେ ଗୃହରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ ବୋଲି ଶ୍ରୀ ରାଧାକ୍ରିଷ୍ଣନ କହିଛନ୍ତି ।

ସଂସଦର ବାର୍ଷିକ ଅଧିବେଶନଗୁଡ଼ିକ ମଧ୍ୟରେ ବଜେଟ୍ ଅଧିବେଶନ ସବୁବେଳେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି । ଅଧିବେଶନ କାଳରେ ବିଭିନ୍ନ ପ୍ରସଙ୍ଗରେ ସଦସ୍ୟଙ୍କର ମତ ଉପସ୍ଥାପନ ଗୃହରେ ଆଲୋଚନାକୁ ସମୃଦ୍ଧ କରିଥିଲା । ଏହି ଅଧିବେଶନ କାଳରେ ରାଜ୍ୟସଭାର ଉପାଧ୍ୟକ୍ଷ ଭାବେ ହରିବଂଶ ତୃତୀୟଥର ପାଇଁ ଦାୟିତ୍ୱ ଗ୍ରହଣ କରିଛନ୍ତି ।

## ଡବ୍ଲୁବି-କ୍ୟାମ୍ପେନ୍

ପ୍ରବଳ ଗରମ ଏବଂ ଗୁଳୁଗୁଳି ସତ୍ତ୍ୱେ ପଶ୍ଚିମବଙ୍ଗରେ ନିର୍ବାଚନ ପ୍ରଚାର ସରଗରମ ହେଉଛି । ବିଜେପି ନେତା ତଥା ରାଜ୍ୟ ବିରୋଧୀଦଳ ନେତା ଶୁଭେନ୍ଦୁ ଅଧିକାରୀ ପୂର୍ବମେଦିନପୁରରେ ଜନସମାବେଶକୁ ସମ୍ବୋଧନ କରିଛନ୍ତି । ଆସାମ, ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶର ବିଜେପି ନେତା ଏବଂ ମୁଖ୍ୟମନ୍ତ୍ରୀ ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳରେ ନିର୍ବାଚନୀ ର୍ୟାଲିରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କାର୍ଯ୍ୟରେ ସାମିଲ ହୋଇଛନ୍ତି ।

ଅନ୍ୟପକ୍ଷରେ ତୃଣମୂଳ କଂଗ୍ରେସ ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ହାଓ୍ୱଡ଼ାଠାରେ ଏକ ସାଧାରଣ ସଭାରେ ଯୋଗ ଦେଇଛନ୍ତି । ଦଳର ଅନ୍ୟତମ ନେତା ଅଭିଷେକ ବନ୍ଦୋପାଧ୍ୟାୟ ଏକ ରୋଡ୍‌ଶୋ'ରେ ଯୋଗଦେବା ସହ ପୂର୍ବ-ବର୍ଦ୍ଧମାନ ଜିଲ୍ଲାରେ ଜନସମାବେଶକୁ ସମ୍ବୋଧିତ କରିଛନ୍ତି । କଂଗ୍ରେସ ନେତା ତଥା ତେଲଙ୍ଗାନା ମନ୍ତ୍ରୀ ମହମ୍ମଦ ଆଝାରୁଦ୍ଦିନ ମୁର୍ଶିଦାବାଦ ଜିଲ୍ଲାରେ ର୍ୟାଲିରେ ଯୋଗ ଦେଇଥିବା ବେଳେ ବାମପନ୍ଥୀ ଏବଂ ଅନ୍ୟାନ୍ୟ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କାର୍ଯ୍ୟ ଚାଲିଛି ।

ତାମିଲନାଡୁରେ ମଧ୍ୟ ନିର୍ବାଚନ ପ୍ରଚାର ସରଗରମ ହେଉଥିବା ଜଣାପଡ଼ିଛି । ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କାର୍ଯ୍ୟ ଜୋର ଧରିଛି । ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି କୋଏମ୍ବାଟୁର୍‌ରେ ଏକ ନିର୍ବାଚନ ର୍‍ୟାଲିକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । ବିମାନବନ୍ଦରଠାରେ ପହଞ୍ଚିବା ପରେ ନିର୍ବାଚନ ସମାବେଶ ଅଞ୍ଚଳକୁ ଏକ ରୋଡ୍‌ଶୋ' ମାଧ୍ୟମରେ ପ୍ରଧାନମନ୍ତ୍ରୀ ଗସ୍ତ କରିବା ପାଇଁ ପ୍ରସ୍ତୁତି ଚାଲିଛି । ଅନ୍ୟତମ ବରିଷ୍ଠ ନେତା ତଥା ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ପିୟୁଷ ଗୋୟଲ ଉଟିର ନୀଳଗିରିଠାରେ ଚା' କାରଖାନା ମାଲିକ ସଂଘ ସହିତ ଏକ ବୈଠକରେ ମତ ବିନିମୟ କରିଛନ୍ତି । ଡିଏମକେ ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ଏବଂ ଅନ୍ୟାନ୍ୟ ରାଜନୈତିକ ଦଳର ଶୀର୍ଷ ନେତୃତ୍ୱ ପ୍ରଚାରରେ ସାମିଲ ହୋଇଛନ୍ତି ।

---

## ହଜ-ପିଲିଗ୍ରିମ୍ ଡିପାରେଚର

ଚଳିତବର୍ଷର ପ୍ରଥମ ପର୍ଯ୍ୟାୟ ହଜ୍ ତୀର୍ଥଯାତ୍ରୀ ଆଜି ନୂଆଦିଲ୍ଲୀରୁ ସାଉଦି ଆରବର ମକ୍କା ଅଭିମୁଖେ ଯାତ୍ରା କରିଛନ୍ତି । ଏହି ପର୍ଯ୍ୟାୟରେ ୩୭୧ ଜଣ ଯାତ୍ରୀ ସାମିଲ ହୋଇଛନ୍ତି । ଇନ୍ଦିରା ଗାନ୍ଧୀ ଆନ୍ତର୍ଜାତିକ ବିମାନ ବନ୍ଦରରେ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ସଚିବ ଡକ୍ଟର ଶ୍ରୀବତ୍ସ କୃଷ୍ଣ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଛନ୍ତି । ତୀର୍ଥଯାତ୍ରୀଙ୍କୁ ସମ୍ବୋଧନ କରି ଏକ ସୁଗମ, ସୁରକ୍ଷିତ ଏବଂ ପରିପୂର୍ଣ୍ଣ ଯାତ୍ରା ପାଇଁ ତୀର୍ଥଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ଗଣମାଧ୍ୟମ ସହ ଆଲୋଚନା କାଳରେ ଦିଲ୍ଲୀ ହଜ୍ କମିଟି ଅଧ୍ୟକ୍ଷ କୌଶର ଜାହାନ୍ ତୀର୍ଥଯାତ୍ରୀଙ୍କୁ ସମର୍ଥନ ଲକ୍ଷ୍ୟ ନେଇ ସମନ୍ୱିତ ପ୍ରୟାସ ଉପରେ ଆଲୋକପାତ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏହି ଯାତ୍ରା ପାଇଁ ସମସ୍ତ ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରାଯାଉଛି ବୋଲି ସେ କହିଛନ୍ତି ।

## ୱାର୍ଲଡ ହେରିଟେଜ୍ ଡେ

ଐତିହ୍ୟ ସ୍ଥଳୀଗୁଡ଼ିକର ସୁରକ୍ଷା ଏବଂ ସଂରକ୍ଷଣ କ୍ଷେତ୍ରରେ ସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ଆଜି ବିଶ୍ୱବ୍ୟାପୀ ଐତିହ୍ୟ ଦିବସ ପାଳନ କରାଯାଉଛି । ଅନ୍ତର୍ଜାତିକ ସ୍ମାରକୀ ଏବଂ ସ୍ଥଳ ପରିଷଦର ପ୍ରସ୍ତାବ ପରିପ୍ରେକ୍ଷିରେ ୟୁନେସ୍କୋ ପକ୍ଷରୁ ୧୯୮୨ ମସିହାରୁ ପ୍ରତିବର୍ଷ ଏପ୍ରିଲ୍ ମାସ ୧୮ ତାରିଖରେ ଏହି ଦିବସ ପାଳନ କରାଯାଇ ଆସୁଛି । ଦେଶର ସାଂସ୍କୃତିକ ଐତିହ୍ୟର ବିବିଧତା ଉପରେ ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ଏହି ଦିବସ ପାଳନର ଅନ୍ୟତମ ଉଦ୍ଦେଶ୍ୟ । ଆଜିର ଦିବସର ବାର୍ତ୍ତା ରହିଛି 'ପ୍ରାକୃତିକ ବିପର୍ଯ୍ୟୟ ଓ ସଂଘର୍ଷରେ ବିପଦଗ୍ରସ୍ତ ଐତିହ୍ୟ' । ବର୍ତ୍ତମାନ ସୁଦ୍ଧା ବିଶ୍ୱ ଐତିହ୍ୟ ତାଲିକାରେ ଭାରତର ୪୪ଟି ସ୍ଥାନ ଥିବାବେଳେ ୟୁନେସ୍କୋର ଅସ୍ଥାୟୀ ତାଲିକାରେ ୬୨ଟି ସ୍ଥାନ ରହିଛି। ୧୯୮୩ ମସିହାରେ ଆଗ୍ରା ଦୁର୍ଗ, ତାଜମହଲ, ଅଜନ୍ତା ଏବଂ ଏଲୋରା ଗୁମ୍ଫା ବିଶ୍ୱ ଐତିହ୍ୟ ତାଲିକାରେ ସାମିଲ ହେବା ପରେ କ୍ରମାଗତ ଭାବେ ଅନ୍ୟ ସ୍ଥାନ ଗୁଡ଼ିକୁ ଏଥିରେ ସାମିଲ କରାଯାଉଛି।

ଏହି ଦିବସ ପାଳନ ଅବସରରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ

ଶ୍ରୀ ରାଧାକ୍ରିଷ୍ଣନ ବିକାଶ ଭି ବିରାସତ ଭି ଦୃଷ୍ଟିକୋଣ ଉପରେ ଆଲୋକପାତ କରି କହିଛନ୍ତି, ଦେଶର ଅମୂଲ୍ୟ ଐତିହ୍ୟକୁ ସଂରକ୍ଷିତ ରଖିବା ନେଇ ଆମେ ସମସ୍ତେ ଅଙ୍ଗୀକାରବଦ୍ଧ ହେବା ଉଚିତ । ଭବିଷ୍ୟତ ପିଢ଼ି ପାଇଁ ଆମ ପରମ୍ପରା ଏବଂ ଐତିହ୍ୟର ସୁରକ୍ଷା ଓ ସଂରକ୍ଷଣ ଅତ୍ୟନ୍ତ ଜରୁରୀ ବୋଲି ସେ କହିଛନ୍ତି ।

ଲୋକସଭା ବାଚସ୍ପତି ଓମ୍ ବିର୍ଲା ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ବିର୍ଲା କହିଛନ୍ତି, ଭାରତ ସର୍ବଦା ଐତିହାସିକ ସମ୍ପତ୍ତି, ସ୍ଥାପତ୍ୟର ଚମତ୍କାରିତା ଏବଂ ସାଂସ୍କୃତିକ ବିବିଧତାରେ ପରିପୂର୍ଣ୍ଣ ଯାହାକି ଗୌରବମୟ ପରମ୍ପରାକୁ ପ୍ରତିଫଳିତ କରିଚାଲିଛି । ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଏହି ଦିବସ ପାଳନ ଅବସରରେ ଦେଶବାସୀଙ୍କୁ ଐତିହାସିକ ସ୍ଥାନଗୁଡ଼ିକୁ ପରିଦର୍ଶନ ସମୟରେ ସ୍ୱଚ୍ଛ ଏବଂ ସୁରକ୍ଷିତ ରଖିବା ପାଇଁ ସଂକଳ୍ପବଦ୍ଧ ହେବାକୁ ପରାମର୍ଶ ଦେଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶେଖାୱତ କହିଛନ୍ତି, ମନ୍ଦିରଗୁଡ଼ିକର ପ୍ରାଚୀର, ପ୍ରାଚୀନ ଦୁର୍ଗଗୁଡ଼ିକର କାରୁକାର୍ଯ୍ୟ ଏବଂ ପିଢ଼ି ପରେ ପିଢ଼ି ଲୋକଗୀତ ଦେଶବାସୀଙ୍କ ପରିଚୟ ସୃଷ୍ଟି କରିପାରିଛି । ଏହାର ସୁରକ୍ଷା ଏବଂ ସଂରକ୍ଷଣ ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ସେ କହିଛନ୍ତି ।

---

## କନ୍ଷ୍ଟିଚ୍ୟୁସନ୍ ବିଲ୍-ରିଆକ୍ସନ

୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ ଲୋକସଭାରେ ପାରିତ ନ ହେବା ପରିପ୍ରେକ୍ଷୀରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ କହିଛନ୍ତି, ଦେଶର ମହିଳାମାନେ ବହୁ ଆଶା ଏବଂ ଆକାଂକ୍ଷାର ସହ ଏହି ବିଲ୍ ପାରିତ ହେବାକୁ ଅପେକ୍ଷା କରିଥିଲେ । ଆକାଶବାଣୀ ସମ୍ବାଦ ସହ

ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ସେ ବିଲ୍ ଆଲୋଚନା ସମୟରେ କଂଗ୍ରେସ ଦଳ ପକ୍ଷରୁ ଉପସ୍ଥାପନ କରାଯାଇଥିବା ମତକୁ ନିନ୍ଦା କରିଛନ୍ତି । ଏହା ମହିଳା ସ୍ୱାର୍ଥବିରୋଧୀ ବୋଲି ସେ କହିଛନ୍ତି । ଦେଶର ମହିଳାଙ୍କର ଆଶା ଆକାଂକ୍ଷା ପୂରଣ ପାଇଁ ୨୦୨୯ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ବୋଲି ସେ କହିଛନ୍ତି ।

ବିଜେପି ଲୋକସଭା ସଦସ୍ୟ ବାଂଶୁରୀ ସ୍ୱରାଜ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, କଂଗ୍ରେସ ଏବଂ ଅନ୍ୟ ବିରୋଧୀ ଦଳଗୁଡ଼ିକ ଦେଶର ମହିଳାଙ୍କ ପ୍ରତି ବିଶ୍ୱାସଘାତକତା କରିଛନ୍ତି । ସଂସଦ ପରିସରରେ ଆକାଶବାଣୀ ସମ୍ବାଦ ସହ ଆଲୋଚନା କାଳରେ ସେ ଅଭିଯୋଗ କରି କହିଛନ୍ତି ସଂସଦ ଏବଂ ବିଧାନସଭାରେ ମହିଳାମାନେ ଭାଗ ନେଇ ନିଷ୍ପତ୍ତି ଗ୍ରହଣରେ ସାମିଲ ହୁଅନ୍ତୁ ବୋଲି ବିରୋଧୀଦଳ ଗୁଡ଼ିକ ଚାହାନ୍ତି ନାହିଁ ।

କେନ୍ଦ୍ରମନ୍ତ୍ରୀ ରାଜୀବ ରଂଜନ ସିଂ ମଧ୍ୟ ସଂସଦରେ ବିଲ୍ ପାରିତ ନ ହେବା ପାଇଁ ବିରୋଧୀ ଦଳଗୁଡ଼ିକୁ ଦାୟୀ କରିଛନ୍ତି ।

ଅନ୍ୟପକ୍ଷରେ କଂଗ୍ରେସ ନେତା ପ୍ରିୟଙ୍କା ଗାନ୍ଧୀ କହିଛନ୍ତି ସଂଘୀୟ ଢ଼ାଞ୍ଚାକୁ ପରିବର୍ତ୍ତନ କରିବା ଏବଂ ଦେଶର ଗଣତାନ୍ତ୍ରିକ ପ୍ରତିଷ୍ଠାନଗୁଡ଼ିକୁ ଦୁର୍ବଳ କରିବା ପ୍ରୟାସ ବିଫଳ ହୋଇଛି ।

---

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ଦୁଇଟି ମ୍ୟାଚ୍ ଖେଳାଯିବ । ବେଙ୍ଗାଲୁରୁର ଏମ୍. ଚିନ୍ନା ସ୍ୱାମୀ ଷ୍ଟାଡିୟମ୍‌ରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଅପରାହ୍ଣ ୩ଟା ୩୦ରେ ମ୍ୟାଚ୍ ଅନୁଷ୍ଠିତ ହେବାକୁ ଥିବା ବେଳେ ସନ୍ଧ୍ୟା ୭ଟା ୩୦ରେ ହାଇଦ୍ରାବାଦ୍‌ର

ରାଜୀବ ଗାନ୍ଧି ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଏବଂ ଚେନ୍ନାଇ ସୁପରକିଙ୍ଗସ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

ଗତ ସନ୍ଧ୍ୟାରେ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ୫ ୱିକେଟ୍‌ରେ କୋଲକାତା ନାଇଟ୍‌ରାଇଡର୍ସ୍‌କୁ ପରାସ୍ତ କରିଥିଲା ।

---

# ଟି-ଟ୍ୱେଣ୍ଟି-ମହିଳା କ୍ରିକେଟ୍

ମହିଳା ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ରେ ଦ୍ୱିତୀୟ ମ୍ୟାଚ୍ ଆସନ୍ତାକାଲି ଡର୍ବାନ୍‌ରେ ଖେଳାଯିବ । ୫ଟିକିଆ ସିରିଜ୍‌ର ତୃତୀୟ ମ୍ୟାଚ୍ ଆସନ୍ତା ୨୨ରେ ଏବଂ ୨୫ ତାରିଖରେ ଚତୁର୍ଥ ମ୍ୟାଚ୍ ଖେଳାଯିବ । ଆସନ୍ତା ୨୭ତାରିଖରେ ବେନୋନିର ୱିଲ୍‌ମୋର୍ ପାର୍କରେ ଅନ୍ତିମ ମ୍ୟାଚ୍ ଖେଳାଯିବ ।

ଗତକାଲି ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୬ ୱିକେଟ୍‌ରେ ଭାରତକୁ ପରାସ୍ତ କରିଛି ।

---